ଓଡ଼ିଶା ସରକାର

ପର୍ଯ୍ୟଟନ ଓ ସଂସ୍କୃତି (ସଂସ୍କୃତି) ବିଭାଗ, ଭୁବନେଶ୍ୱର

* * * * *

## ବିଜ୍ଞାପନ

### ରାଜା ରାମମୋହନ ରାୟ ଲାଇବ୍ରେରୀ ଫାଉଣ୍ଡେସନର ଅଣ-ଯୋଜନାରେ ଆର୍ଥିକ ସହାୟତା ପାଇଁ ଦରଖାସ୍ତ ଆହ୍ୱାନ ।

ପୂର୍ବବର୍ଷ ପରି ଚଳିତ **୨୦୧୬-୧୭** ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ମାଧ୍ୟମରେ ରାଜା ରାମମୋହନ ରାୟ ପାଠାଗାର ସଂସ୍ଥାର ଅଣ-ଯୋଜନା ଆର୍ଥିକ ସହାୟତା ସକାଶେ ଗ୍ରନ୍ଥାଗାର କାର୍ଯ୍ୟକ୍ରମ ପାଇଁ ରେଜେଷ୍ଟ୍ରୀଭୁକ୍ତ ବେସରକାରୀ ଅନୁଷ୍ଠାନମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏଥିପାଇଁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ଏବଂ ଆବଶ୍ୟକୀୟ ସର୍ତ୍ତାବଳୀ **(Guidelines)** ରାଜା ରାମମୋହନ ରାୟ ପାଠାଗାର ସଂସ୍ଥାର **Website-rrrlf.gov.in** ରେ ଉପଲବ୍ଧ ଅଟେ । ସର୍ତ୍ତାବଳୀ ଅନୁଯାୟୀ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ସମ୍ପୂର୍ଣ୍ଣ ରୂପେ ପୂରଣ କରି ଏବଂ ଆବଶ୍ୟକୀୟ କାଗଜାଦି ସଂଲଗ୍ନ କରି ସମ୍ପୃକ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ / ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ନିକଟରେ ବିଜ୍ଞାପନ ପ୍ରକାଶିତ ହେବାର **୩୦ (ତିରିଶ)** ଦିନ ମଧ୍ୟରେ ଦାଖଲ କରିବେ । ନିର୍ଦ୍ଧାରିତ ସମୟସୀମା ପରେ, ସଠିକ୍ ଭାବେ ପୂରଣ ହୋଇ ନ ଥିବା ଏବଂ ଆବଶ୍ୟକୀୟ କାଗଜାଦି ସଂଲଗ୍ନ ହୋଇ ନ ଥିବା ଦରଖାସ୍ତଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ ।

ସମ୍ପୃକ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ / ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ ହୋଇଥିବା ସମସ୍ତ ଦରଖାସ୍ତ ଗୁଡ଼ିକୁ ରାମମୋହନ ରାୟ ପାଠାଗାର ସଂସ୍ଥାର ଯୋଜନା **(Scheme)** ଏବଂ ସମ୍ପୃକ୍ତ ସର୍ତ୍ତାବଳୀ ଅନୁଯାୟୀ ତନଖି କରି ନିର୍ଦ୍ଦେଶକ, ସଂସ୍କୃତି ତଥା ଅତିରିକ୍ତ ଶାସନ ସଚିବଙ୍କ ନିକଟକୁ ଦରଖାସ୍ତ ପ୍ରାପ୍ତିର ଶେଷ ଦିନଠାରୁ **୧୫ (ପନ୍ଦର)** ଦିନ ମଧ୍ୟରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରିବେ । ସମ୍ପୃକ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ / ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରତ୍ୟେକ ଦରଖାସ୍ତ ଫର୍ମର ପ୍ରଥମ ପୃଷ୍ଠାରେ ସ୍ୱାକ୍ଷରିତ ତନଖି ସାର୍ଟିଫିକେଟ୍ ସହିତ ମୋହର ମାରି ପ୍ରେରଣ କରିବେ ।

ନିର୍ଦ୍ଦେଶକ, ସଂସ୍କୃତି ତଥା ଅତିରିକ୍ତ ଶାସନ ସଚିବ,

ଓଡ଼ିଶା, ଭୁବନେଶ୍ୱର ।